# ତହସିଲଦାରଙ୍କ କାର୍ଯ୍ୟାଳୟ, ବାମରା

OGLS Rule 5(5) ଅନୁସାରେ

**ସର୍ବସାଧାରଣ ବିଜ୍ଞପ୍ତି**

ପ୍ରୋ. ସ. ନଂ – ୧୨୭/୧୪.୧.2024

ମୋକଦ୍ଦମା ନଂ - Dereservation Case No. 3/2024

ଏତଦ ଦ୍ୱାରା  ମୌଜା-ଦେହୁରୀପଡାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା-ଦେହୁରୀପଡା ଅନ୍ତର୍ଗତ ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ସମବାୟ ବିଭାଗ ଓଡ଼ିଶା ସରକାରଙ୍କୁ କୋଠାଘର ଓ ଗୋଦାମ ନିର୍ମାଣ (Construction of Office Building & Godown) ନିମନ୍ତେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ନିମ୍ନ ସାକ୍ଷାରକାରୀଙ୍କ ଅଦାଲତରେ ବିଚାରଧିନ ରହିଛି । ଆବେଦନ କରାଯାଇ ଥିବା ଜମି ରକ୍ଷିତ ଖାତାରେ ରେକର୍ଡଥିବାରୁଏହାକୁ ଓଡ଼ିଶା ସରକାର ଜମି ବନ୍ଦୋବସ୍ତ ଅଧିନିୟମ ,୧୯୬୨ ର ଧାରା ୩ (କ) ମତେ ସଂରକ୍ଷଣ ବିମୋଚନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି । ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ,ତେବେ ଏହି ଇସ୍ତାହାର ଜାରି ହେବାର ୧୫ ଦିନ ମଧରେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଲିଖିତ ଆକାରରେ ଆପତ୍ତି ଦରଖାସ୍ତ ଟ. ୨୦.୦୦ କୋର୍ଟ ଫିଜ ଦେଇ ନିମ୍ନ ସାକ୍ଷାରକାରୀଙ୍କ ଅଦାଲତରେ ଆପତ୍ତି କଲେ ନିୟମାନୁଯାୟୀ ବିଚାରକୁ ନିଆଯିବ ।  ନିର୍ଦ୍ଧାରିତ ସମୟ ଅତିବାହିତ ପରେ ଆପତ୍ତି କଲେ କାହାରି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ।

" ତଫସିଲ ଭୁକ୍ତ ଜମି "

| ମୌଜା | ହାଲ ଖାତା ନମ୍ବର | ହାଲ ଖାତା ର ପ୍ରକାର | ହାଲ ପ୍ଲଟ ନମ୍ବର | ହାଲ କିସମ | ରକବା ଏକର | ପ୍ରସ୍ତାବିତ ଖାତା ଏବଂ କିସମ | |
|---|---|---|---|---|---|---|---|
| | | | | | | ଖାତା ର ପ୍ରକାର | ଜମିର କିସମ |
| ଦେହୁରୀପଡା | ୧୪୬ | (ରକ୍ଷିତ) | ୧୦୪୬ | ଗୋଚର | ୦.୦୭ | ଆବାଦ ଯୋଗ୍ୟ ଅନାବାଦୀ | ପତିତ |
| | | | ୧୦୪୭ | ଗୋଚର | ୦.୦୮ | ଆବାଦ ଯୋଗ୍ୟ ଅନାବାଦୀ | ପତିତ |
| ମୋଟ | ୧ | | ୨ | | ୦.୧୫ | | |

ତହସିଲଦାର, ବାମରା
Tahasildar
Bamra, Sambalpur

ଜ୍ଞାପକ ସଂଖ୍ୟା ୨୩୧୫ ତା ୧୮.୩.୨୦୨୪

ଏହାର ଏକକିତା ନକଲ ସରପଞ୍ଚ, ଗରପୋଷ/ ରାଜସ୍ୱ ନିରୀକ୍ଷକ, ଗରପୋଷଙ୍କ ପାଖକୁ ବହୁଳ ପ୍ରଚାରସକାଶେ ପ୍ରେରଣ କରାଗଲା । ଏକ ନକଲ ଏହି କାର୍ଯ୍ୟାଳୟ ର ବିଜ୍ଞପ୍ତି ଫଳକ ରେ ଲଗାଗଲା ।

ତହସିଲଦାର, ବାମରା
Tahasildar
Bamra, Sambalpur

ଜ୍ଞାପକ ସଂଖ୍ୟା ୨୩୧୬ ତା ୧୮.୦୩.୨୦୨୪

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ(District Information Officer, NIC, Sambalpur)ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତିହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ବାମରା
Tahasildar
Bamra, Sambalpur